ପେଗେଣ୍ଡ ପେଡିସିନ୍

ଗୋପାଳଚନ୍ଦ୍ର ଛୋଟରାୟ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପେଟେଣ୍ଟ ମେଡିସିନ୍

[ବ୍ୟାସକବଙ୍କ ଗଳ୍ପର ନାଟ୍ୟରୂପ]

ନାଟ୍ୟକାର :
ଗୋପାଳ ଛୋଟରାୟ

ବାଣୀ ମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜକୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, କଟକ-୨

ମୁଦ୍ରକ :
ଜନ-ସାହିତ୍ୟ ପ୍ରେସ୍ ଆଣ୍ଡ ପବ୍ଲିକେଶନ୍ସ
ଭଗତପୁର, କଟକ-୭୫୩୦୦୯

ପ୍ରଥମ ମୁଦ୍ରଣ : ଫେବୃଆରୀ, ୧୯୯୨

ମୂଲ୍ୟ : ୫ ୪.୦୦

Digitized by srujanika@gmail.com

ଉତ୍ସର୍ଗ

ଶ୍ରୀ ମାପ୍ପାଧର ସାହୁ

ଚରମଶ୍ରଦ୍ଧାସ୍ପଦେଷୁ...

ଗୋପାଳ ଛୋଟରାୟ

Digitized by srujanika@gmail.com

'ପେଟେଣ୍ଟ ମେଡିସିନ୍' ନାଟକର ଘଟଣାକାଳ ହେଉଛି ଆଦ୍ୟ ଉନବିଂଶ ଶତାବ୍ଦୀ ଓ ସ୍ଥାନ କଟକ ସହର । ଘଟଣାକାଳ ସମ୍ବନ୍ଧିତ ସମସ୍ୟା ରକ୍ଷାକରି ଆମର ଚଳାମନ୍ତନ ଗ୍ରାମ୍ୟ-ପାହ୍ୱତ୍ୟରେ ପ୍ରଚଳିତ କେତେକ ଶବ୍ଦ ନାଟକରେ ବ୍ୟବହାର କରାଯାଇଛି । ଯଥା : କିଁୟା, ଅର୍ଥାତ୍—କାହିଁକି, ଚଉଦ୍ଦମ୍ ଅର୍ଥାତ୍—ସଙ୍ଗେ ସଙ୍ଗେ ଇତ୍ୟାଦି । ପାତ୍ର-ପାତ୍ରୀଙ୍କ ବସନ-ଭୂଷଣ ମଧ୍ୟ ସେଇ ସମୟ ଉପଯୋଗୀ ହେବା ବାଞ୍ଛନୀୟ ।

ଜାନୁଆରୀ, ୧୯୯୨
ଆଲମ୍ବଗୁଡ ବଜାର
କଟକ-୨

ଗୋପାଳ ଛୋଟରାୟ

Digitized by srujanika@gmail.com

ଓପେରେଣ୍ଟା ମେଡ଼ସିନ୍

ଚରିତ୍ର :

ବାବୁ—ଜମିଦାରପୁତ୍ର, ବୟସ ୨୮-୩୦

ସୁଲୋଚନା—ତାଙ୍କର ସହଧର୍ମିଣୀ

ମକର୍ବ—ତାଙ୍କର ଭୃତ୍ୟ

ଝୋକା—ଏକ ଆଜ୍ଞାବହ ଯୁବକ

[ନାଟକ ଆରମ୍ଭର ସୂଚନା]

[କଟକ ସହରର କୌଣସି ଏକ ଅଞ୍ଚଳରେ ବାବୁଙ୍କ ବାସଗୃହ । ସମୟ ପୂର୍ବାହ୍ଣ । ବାସଗୃହ ସଂଲଗ୍ନ ରସ୍ତା ଉପରେ ବାବୁ ଈଷତ୍ ଷଣ୍ଢ ମନରେ ବୁଲୁଚଲ କରୁଛନ୍ତି । ଗୃହର ସଦର ଦରଜା ଅଧାଖୋଲା ଅବସ୍ଥାରେ ରହିଛି । କଛୁକ୍ଷଣ ପରେ ସୁଲୋଚନା ସେଠାକୁ ଆସିଲେ । ବରଂତ ଦିନମାନଙ୍କରେ ବାବୁଙ୍କର କଛୁ ଚରିତ୍ରଗତ ଦୋଷର ସୂଚନା ମିଳିଥିଲା । ସେଥିପାଇଁ ଏବେ ତାଙ୍କ ଉପରେ ସୁଲୋଚନାଙ୍କ କଡ଼ାଦୃଷ୍ଟି ସଦା-ସର୍ବଦା ରହିଛି ଓ ବାବୁ ନଗ୍ନହ ସ୍ତ୍ରୀମୁଁଏ ପରି ପତ୍ନୀଙ୍କ କଥା ମାନି ଚଳିବାର ଛଳନା କରୁଛନ୍ତି ।]

Digitized by srujanika@gmail.com

ପେଟେଣ୍ଟ ମେଡ଼ିସିନ୍

ସୁଲୋଚନା—ଶୁଭ୍ଲଚ ! କ'ଣ କରୁଚ ?

ବାବୁ—କଚ୍ଛୁନାହିଁ । ତୁମେ ଯାଚ୍ଚା କହିଥିଲ ।

ସୁଲୋଚନା—ମୁଁ କହିଥିଲ ଘରୁ ଗୋଡ଼କାଢ଼ି ପଦାକୁ କୁଆଡ଼େ ଯିବନାହିଁ—ଯିବ ଯଦି ଏଇ ରସ୍ତା ଉପରକୁ—ସକାଳ କ ସଞ୍ଜେ ଆମ ଏଇ ଘର ସାମନା ରସ୍ତା ଉପରେ ପା'ଘଣ୍ଟା ବୁଲ୍ଚଲ୍ କରିବ ।

ବାବୁ—କଣ୍ଠାଏ କଣ୍ଠାଏ ତୁମକଥା ମାନ୍ଚ । ଆମ ଏଇ ରସ୍ତା ଉପରେ ଟିକେ ବୁଲ୍ଚଲ୍ କରୁଚ ।

ସୁଲୋଚନା—ହେଲେ ଡ୍ରପିଆର···କହିଦଉଚ, ବେଶୀ ଦୂର ଯିବନ —ଏପାଖରେ ଦଶକଦମ୍ ତ ସେପାଖକୁ ଦଶକଦମ୍—ପାଉଁଲେ ବେଶୀ ନୁହେଁ ।

ବାବୁ—ଠିକ୍ ସେଇଆ—ଦଶକଦମ୍‌କୁ ଦଶକଦମ୍—ପାଉଁଲେ ବେଶୀ ଯାଉନ ।

ସୁଲୋଚନା—ଯିବ କିଁୟା ଯେ ? କିଁୟା ଯିବ ? ତମ ଯିବା ଫିକର ମୁଁ କ'ଣ ଜାଣିନାହିଁ ? ଏମିତ ଯାଉ ଯାଉ କୁଆଡ଼େ ଗଲଯିବ ଯେ ଆଉ ତନଦିନ ଯାଏଁ ଦେଖାଦର୍ଶନ ମିଳବ ନାହିଁ । ମୁଁ ଜାଣିନେଇ ତମ ଗୁଣ !

ବାବୁ—ମୁଁ କ'ଣ ମନାକଲ ତମେ ଜାଣିନ ବୋଲ ?

ସୁଲୋଚନା—କେତେଥରେ ବୁଲିଲଣି ?

Digitized by srujanika@gmail.com

ବାବୁ—ପା' ଦଣ୍ଟା ଦେଇନାଇଁ—ଅଧପା' ହବ ।

ସୁଲୋଚନା—ହଉ ଦେଲ—ସଅଳ ସଅଳ ଘରକୁ ଆସ—କ'ଣ ଶୁଭଲ ? ସଅଳ ସଅଳ ଘରକୁ ଆସ । (ଭିତରକୁ ଗଲେ)

ବାବୁ—ହଁ ଶୁଭଲ—ସଅଳ ସଅଳ ଘରକୁ ପିବ ।

ସୁଲୋଚନା—ହଁ ଆସ । (କଛୁ ସମୟ ପରେ ସୁଲୋଚନା ପୁଣି ଆସିଲେ)

ସୁଲୋଚନା—(ଗଳା ଖଙ୍କାର) ହୁଁ···

ବାବୁ—କେ'···କ'ଣ ? (ବାବୁ ଚମକପଡ଼ ଅଝକଗଲେ)

ସୁଲୋଚନା—କୁଆଡ଼େ ତେଣେ ଗୁଲିଯାଉଥିଲ ?

ବାବୁ—ନାଇଁ ନାଇଁ କୁଆଡ଼ୁ ପିବ କଁ୍ୟା ? ଦଶକଦମ୍ ଭିତରେ ଥିଲ ।

ସୁଲୋଚନା—ମିଛ କହୁଚ । ମୁଁ କବାଟ ଫାଙ୍କରେ ଗୁହିଁଲ—ଦେଖାଗଲନାହିଁ । ମିଛ କହୁଚ କଆଁ ?

ବାବୁ—ନାଇଁ ନାଇଁ, ମିଛ କଆଁ କହିବ ? ତମେ ପାଦୁଲ ପକେଇ ମାପିଦଅ—ଦଶକଦମ୍ ।

ସୁଲୋଚନା—କଦମ୍ ତେବେ କମେଇଦଅ···ପାଞ୍ଚ ।

ବାବୁ—(ବକଳରେ) ପାଞ୍ଚ !

ସୁଲୋଚନା—ହଁ, ପାଞ୍ଚ ।

ବାବୁ—ପାଚ ଦେଲେ କେମିଡି ହୁଅନ୍ତା ?

ସୁଲୋଚନା—ନାଇଁ ନାଇଁ···ପାଞ୍ଚ ।

ବାବୁ—ହଉ ଦେଲ···ପାଞ୍ଚ ।

ସୁଲୋଚନା—ହଁ, ଏପାଖେ ପାଞ୍ଚ ସେପାଖେ ପାଞ୍ଚ । କବାଟ ଫାଙ୍କରେ ଯେମିଡି ଦିଶୁଥିବ···ବୁଝିଲ ?

Digitized by srujanika@gmail.com

ବାବୁ—ହଁ ବୁଝିଲ, ଜବାବ ପାଙ୍କରେ ଦଶୁଥିବ ।
ସୁଲୋଚନା—ହଁ, ସେଇଆ ।

[ସା'ନ୍ୟାଣୀ ଭିତରକୁ ଗଲେ । ବାବୁ ସା'ନ୍ୟାଣୀଙ୍କ ନର୍ଦ୍ଦେଶମତେ ପଦସ୍ଖଳନ କରୁଥାନ୍ତି । ହଠାତ୍ ଦେଖାଗଲା କଛ ଦୂରରେ ଚାଲୁ ଜଣେ ଟୋକା ହାତ ଠାର ଡାକୁଛ । ତା'ଟରେ ନମ୍ର ସ୍ୱରରେ ଟୋକା ଓ ବାବୁଙ୍କର କଥାବାର୍ତ୍ତା···]

ବାବୁ—କ'ଣ ?
ଟୋକା—ମୁଁ ଆସିଛ ପଘ !
ବାବୁ—କୁଆଡ଼େ ? କୋଉଠିକ ? କାଇଁକ ?
ଟୋକା—ଏଇଠିକ···ଆପଣଙ୍କ ପାଖକୁ ।
ବାବୁ—ମୋ ପାଖକୁ ? ତୁ କଏ ?
ଟୋକା—ତମେ ମତେ ଚହ୍ନିପାରୁନା ବାବୁ ? ମୁଁ ପଘ—
ମୁଁ ଧଘ···
ବାବୁ—ପଘପଘ ଢେଲେ ଚହ୍ନିବ କେମିତ ? ଘର କୋଉଠି ?
ଟୋକା—ଆମ ଘର ଭଦ୍ରଖ—ହାଲ୍ ସାକନ୍ ଟେଲେଙ୍ଗାବଜାର ।
ବାବୁ—ଆରେ ଆରେ ତୁ ସେଇ ଭଦ୍ରଖିଆ ଟୋକା ?
ଟୋକା—ହଁ ବାବୁ, ମୁଁ ସେଇ ଟୋକା ।
ବାବୁ—ଆଉ ଖବର କ'ଣ ?
ଟୋକା—ଭଲ । ମତେ ସିଏ ପଠେଇଚନ୍ତି ।
ବାବୁ—କଏ ?

Digitized by srujanika@gmail.com

ଝୋକା—ମତେ ଦେଖି ବୁଝିପାରୁନ ବାବୁ କଏ ପଠେଇଚନ୍ତି ? ମତେ ସେଇ ପଠେଇଚନ୍ତି—ସେଇ···

ବାବୁ—(ଖିସ୍ତିରି) କ'ଣ କହୁଚୁରେ ଛୁ ? ମୋ ପାଖକୁ ତତେ ସିଏ ପଠେଇଚନ୍ତି ?

ଝୋକା—ହୁଁ ପଣ···ଚଠି ଦେଇଚନ୍ତି ।

ବାବୁ—ଚଠି ?

ଝୋକା—ଚଠି । ହୁଁ, ଏଇ ଚଠି । (ଚଠି ଦେଲ୍)

ବାବୁ—(ଚଠି ପଢ଼ିଲେ) ପ୍ରାଣବାଲବ ହେ, ମୁଁ କାଲିଠୁଁ କଝକ ଆସିଲଣି । ମାନ୍ଥ ତମ ଶ୍ରୀମୁଖ ଦର୍ଶନ ନ ହେଇଥିବାରୁ ଏ ଫସାର ଭୁଚ୍ଚା ପିତାଲ୍ଲଗୁଚ । ପଞ୍ଚାଠଜଣ୍ଡାରୁ ବାବୁ ହେ, ତଡ଼େଦମ୍ ମୋଠିକ ଚୁଲଆସିବ । ତମକୁ ମୋ ପ୍ରଣ, ତମ ପ୍ରଣ —ତମର ତାଙ୍କ ପ୍ରଣ···

[ଏତକବେଳେ ସା'ନ୍ତାଣୀ ପୁଣି ଦେଖାଦେଲେ—ଗଳା ଖଙ୍କାରିଲେ । ବାବୁ ଚମକପଡ଼ିଲେ, ଚଠିପଢ଼ା ବନ୍ଦ ହେଇଗଲ୍ଲ ।]

ସୂଚ୍ଚନା—(ଗଳା ଖଙ୍କାର) ହୁଁ, କଅଣ କରୁଚ ? ସେଇଠି ଅଛନ୍ତି ?

ବାବୁ—(କଥା ବଦଳାଇ, ଝୋକାକୁ) ବୁଝିଲୁ—ଏ କାଗଜରେ ଯୋଡ଼ ବାବୁଙ୍କ ଠିକଣା ଝିପାହେଇଚ ତାଙ୍କ ବସାଘର—ଏଇ ସିଧା ଯା—ସେଇଠୁ ବାଁକୁ ଯିବୁ—ଗୋଟାଏ ମୋଡ଼—ସେଠୁ ଡାହାଣ ବାଙ୍କିବୁ—ଡାହାଣରୁ ବାଁକୁ ଯିବୁ—ପୁଣି ଡାହାଣ—ପୁଣି ବାଁ—ପୁଣି ଡାହାଣ—ପୁଣି ବାଁ···

Digitized by srujanika@gmail.com

ଝୋକା—ଢେଲେ ବାବୁ···

ବାବୁ—ସେ ଢେଲେ ଫେଲେ ରଖ । ମୁଁ ତୋ ସାଙ୍ଗରେ ଯାଇ ତାଙ୍କ ଘର ଦେଖେଇଦେଇ ଆସିବନାଇଁ । ତୁ ତୋର ଯା' !

ସୁଲୋଚନା—(ଖୁସିହେଇ) ହଉ, ତାକୁ ବଦାକର ଚଞ୍ଚଳ ଘରକୁ ଆସ । (ଭିତରକୁ ଗଲେ)

ଝୋକା—ମତେ କ'ଣ ଏତେ ଡାହାଣ ବାଁ ଦେଖେଇଲୁଣି ବାବୁ ?

ବାବୁ—ବୋକାଝା ! ତତେ ଦେଖେଇ ନଥିଲେ ମୁଁ ନିଜେ ଅଇଠି ଏଠି ବାଁ ଡାହାଣ ହେଇଥାନ୍ତି । ଶୁଣ, ସିଏ ତା'ହେଲେ କାଲିଠୁ ଆସିଲୁଣି ?

ଝୋକା—ହଁ ।

ବାବୁ—ମୋ ପାଇଁ ତା'ର ଖାଲି ମନଦୁଃଖ ।

ଝୋକା—ଓଃ, ଖାଲି ଖାଲି ମନଦୁଃଖ ।

ବାବୁ—ମୁଁ କ'ଣ କରିବ କହିଲୁ ?

ଝୋକା—ଯିବେ ପରା ! ମତେ ପରା ସିଏ କହିଚନ୍ତି, ବାବୁଙ୍କୁ ବସିଲା-ଥାନରୁ ଭଡ଼ିଆଣିବୁ ।

ବାବୁ—ଭଡ଼ ଲାଭନାହିଁ । ଯେତେ ଭଡ଼ଲେ ବି ମୁଁ ପାଞ୍ଚକଦମ୍‌ରୁ ବେଶୀ ଯାଇପାରିବନାହିଁ ।

ଝୋକା—ଚଠିଦେଲେ, ମତେ ପଠେଇଲେ—ଆପଣ ଯିବେନାହିଁ କହୁଚନ୍ତି ।

ବାବୁ—ମୁହଁରେ ସିନା କହୁଚ, ସଚରେ ଯଦି ନଯାଏ ତେବେ ଏ ପିଣ୍ଡୁରୁ ପ୍ରାଣଝା ବାହାରିପିବ । ଆଚ୍ଛା, ତୁ ଚାଲଯା —ଏଠି ଆଉ ତୋର ବେଶୀ ବେଳ ରହିବା ଠିକ୍ ନୁହେଁ । ତୁ ଯା···

ଝୋକା—ଆପଣ ?

ବାବୁ—ମୁଁ ଯିବ ।

Digitized by srujanika@gmail.com

ଝୋକା—ମୁଁ ତେବେ ତାଙ୍କୁ ଯାଉଛ କହିଦେବ ବାବୁ ଆସୁଛନ୍ତି ।

ବାବୁ—ହଁ, ଯା । (ଝୋକା ଗଲଗଲ୍)

ବାବୁ—(ଚଠି ପଢ଼ିଲେ) "ତୁମକୁ ମୋ ଗଣ—ତମ ଗଣ, ତମର ତାଙ୍କ ଗଣ, ଆସିବ । ନଣ୍ଟେ ଆସିବ । ନ ଆସିଲେ ମୁଁ ବଷ ଖାଇଦେବ । ଇତି ତମର ଉସ୍‌ମାନ୍‌ତାସ୍ ।" ହାସ୍ ହାସ୍, କେଡ଼େ କଥାଟାଏ ନ ଲେଖିଲ ? ମୋଠି ତାର ସେମିତି ମାୟା ଲଗିଚ ବୋଲ ସିନା ! କ'ଣ କରିବ ? କେମିତି ଯା' କଳରୁ ମୁକ୍ତ ପାଇ ଉସ୍‌ମାନ୍‌ତାସ୍ ପାଖକୁ ଯିବ ? ଆଚ୍ଛା···(ଚଠିଟା ଟିକନଶି କରି ଚରଦେଲେ ଓ ଭିତରକୁ ଗଲେ)

[ଘରଭିତର ଦୃଶ୍ୟ]

ବାବୁ—(କୋମଳ ସ୍ୱରରେ) ଦଇ ଏ କୁଆଡ଼େ ଗଲ କ ? କୁଆଡ଼େ ଲେମ ? ଦଇକଏ ?

ସୁଲୋଚନା—(ଭିତରୁ ଚଢ଼ାଗଳାରେ) କ'ଣ କ ?

ବାବୁ—(ମନକୁ ମନ) ମୋ ବାପ୍‌ରେ, କ ତେଜ ! ଆଗୋ ଝିକେ ଶୁଣିଲ । (ସୁଲୋଚନା ଆସିଲେ)

ସୁଲୋଚନା—ମୋ ଘଗ୍ୟ ! ଏମିତି ସୁଅ ଗିଆ ଡାକ କାହିଁକ ଉଚ୍ଚୁଳ ପଡ଼ୁଚ ? କ'ଣ ହେଲ କ ?

ବାବୁ—କଥା କ'ଣ କ, ଆଜକୁ ତନ ଗୁନ୍ଦେନ ହେବ—ରେଜ୍ ରେଜ୍ ଘଣ୍ଟରେ ମୋ ମୁଣ୍ଡ ବୁଲୁଚ—ପେଟବ ଟାଣୁଚ—ଦେହଟା ଟିମି ଟିମି ହେଇଯାଏ—ଘର ଘର କଷ୍ଟ ।

Digitized by srujanika@gmail.com

ସୁଲୋଚନା—ହେଇ ହେଲ, ପୁଣି ଗୋଟାଏ କ'ଣ ନୂଆ ପ୍ରେମ ବାହାରଲଣି । ଦଇଏ, ଗୁରବଦନହେଲ ଦେହ ଖସ୍ତପ ହେଲଣି କଦ୍ଦୁଚ, ମୁଁ ଜାଣିପାରଲ ନାହିଁ କେମିତ ? ଏଇଗିଣା ରସ୍ତାରେ ବୁଲୁ ବୁଲୁ ମୁଣ୍ଡରେ କୁଆଡ଼ୁ କ'ଣ ଆସି ଉଡ଼କଲ କ ?

ବାବୁ—ନାଇଁମ, ରସ୍ତାରେ ସେମିତ କଣ୍ଟୁ ଘଟଣା ଘଟିନ ।

ସୁଲୋଚନା—ସେଇ ଯୋଉ ମଦ, ଗଞ୍ଜେଇ, ଗୁଲ୍ଲ ନଆଁ ପାଉଁଶ ନଶାଗୁଡ଼ାକ ଗିଜୁଥିଲ ଇଏ ତାର ଫଳ ।

ବାବୁ—ଆଜ୍ଞ ତ ଗିଜୁନାହିଁ--ଭଜମାସ ହେଲ ଛୁଡ଼ାଦେଲଣି ।

ସୁଲୋଚନା—ଏ ନଆଁ ପାଉଁଶ ନଶାର କ'ଣ ଜଣା ଗୁଣ ? ମଣିଷକୁ ଅମଣିଷ କରଦଏ ପଟ୍ଟ ?

ବାବୁ—କଏ ନ ଜାଣିଚ ଏ କଥା ? ମୁଁ ନଜେ ପଟ୍ଟ ଅମଣିଷ ହେଇ ଯାଉ ଯାଉ ବଞ୍ଚିଗଲ ।

ସୁଲୋଚନା—କଏ ବଞ୍ଚେଇଲ ? ମୁଁ ।

ବାବୁ—ନଶ୍ଚପ୍ଚ, ନଶ୍ଚପ୍ଚ । ତମେ ଯାହା କରିଚ ଆଉ କେତେଜଣଙ୍କର ସ୍ତ୍ରୀ ଏମିତ କରିବେ ?

ସୁଲୋଚନା—ସେଇ ଦୋଷରୁ ଥରକୁ ଭଜଭଜଅର ଝୁକର ଗଲ । ଗଲ୍ଲ ତ ଗଲ୍ଲ—ସେଥିକ ଦୁଃଖ ନାହିଁ । ଜମିଦାରଘର ପୁଅ, ଚନ୍ଦାକରିବାକୁ ତ ପଡ଼ୁନାଇଁ ! ଏଣିକ ଭଲ ଭଲ ମଣିଷଟିଏ ହେଇ ଘରେ ବସିରହ । କେତେ ଲଗିଯଡ଼ କେତେ ଜଗିରଖି ବାଟକୁ ଆଣିଥିଲ ଯେ ପୁଣି ସିଆଡ଼କୁ ମନ ଟାଣିଲଣି ? ପୁଣି ସେଇଗୁଡ଼ାକ ଗିଳିବ ? ପୁଣି ଯାଇ କାନ୍ଦା ଓଳଡଳେ ପଡ଼ିବ ? ଆଜ ପୁଣି କୋଉଠୁ ଡାକରା ଆସିଚ କ ?

ବାବୁ—ନାଇଁ ନାଇଁ—ସେକଥା ଆଜ ଭୁଣ୍ଡରେ ଧରନାଇଁ, ପଛକଥା ଗୁଡ଼ା ଭୁଲଯାଅ । ମୋ ଦେହଟା ଯେ ବଗିଡ଼ିଚ କାଇଁକ ଜାଣ ?

Digitized by srujanika@gmail.com

ସୁଲୋଚନା—ଦେହରେ ତ ଦେହେ ରୋଗ ଧର ବସିଥେଲ—ମୁଁ ଆଉ ଜାଣିବ କ'ଣ ? କୋଉ ଗୁଣ ଭମର ନାଇଁକ ?

ବାବୁ—ନାଇଁଟୋ ସେକଥା ନୁହେଁ । ଆଜ ମାଧବାସ୍ୱର୍ଯ୍ୟ ଖଡ଼ରନ୍ହେ ଆସିଥିଲେ । ସେ କୋଷ୍ଠୀ ଗଣି କହିଲେ—ଶନିଚଳନ ବଢା-ସ୍ୱଶିକ ହେଇଚି । ମୋର ଶନମପ୍ତା । ମଡେ ବନ୍ଧା ଲଉଡ଼ ମାରଲଭଲ ମାରୁଚି । ଖଡ଼ରନ୍ହେ କହିଚନ୍ତି, କଛୁ ପୁଣ୍ୟକାର୍ଯ୍ୟ କଲେ ସବୁ ଦୋଷ କଟିଯିବ ।

ସୁଲୋଚନା—କ ପୁଣ୍ୟ କାର୍ଯ୍ୟ କରିବାକୁ ଖଡ଼ରନ୍ହେ କହିଗଲେ ?

ବାବୁ—ମୁଁ ଭୁବନେଶ୍ୱରରେ ଲଙ୍ଗରାଜଙ୍କ ପୀଠକୁ ଯାଇ ଛନଛନ ରହିବ । ସେଠି ଯେତେ ମହାଦେବ ଅଛନ୍ତି ପୂଜାକରିବ । ଶତ କୁମ୍ଭ···ନାଇଁ ନାଇଁ ସହସ୍ର କୁମ୍ଭ ଜଳ ଢଳାଦେବ ।

ସୁଲୋଚନା—ଆଉ ?

ବାବୁ—ବ୍ରାହ୍ମଣ ସ୍ୱେଜନ ଦେବ । ଅବଶ୍ୟ ଟଙ୍କା କଛୁ ଖର୍ଚ୍ଚ ହେବ, କନ୍ତୁ ଦେହ ଭଲହେଇଯିବ । ଜଣାପାଣିରୁ ମନ ଟ୍ରୁଡ଼ିଯିବ ।

ସୁଲୋଚନା—(ସନ୍ଦେହକରି) ଖଡ଼ରନ୍ହେ ଆସିଥିଲେ ? କାଇଁ ମୁଁ ତ ଜାଣିପାରିଲି ନାହିଁ ।

ବାବୁ—ଏଁ ! ଖଡ଼ରନ୍ହେ ! ! ଖଡ଼ରନ୍ହେ ଆସିଥିଲେ ବୋଲ ମୁଁ କହିଲି କ ?

ସୁଲୋଚନା—ଆଉ କ'ଣ କହିଲ ?

ବାବୁ—ଭୁଲ—ଭୁଲ କହିଦେଲି । ଖଡ଼ରନ୍ହେ ନୁହଁନ୍ତି—ତାଙ୍କ ପୁଅ ଆସିଥିଲେ ।

ସୁଲୋଚନା—ତାଙ୍କର ପୁଣି ପୁଅଟାଏ କାନ୍ଥୁଁ ଆଇଲ ?

ବାବୁ—(ହସି) ଯାଃ···ଏଇ ସାମାନ୍ୟ କଥାଟାରେ ମୋର କାହିଁକ ଭୁଲ ଉପରେ ଭୁଲ ହେଇଯାଉଚ । ଜାଣିଚ ତ, ଖଡ଼ରନ୍ହଙ୍କ

Digitized by srujanika@gmail.com

ସାଙ୍ଗରେ ମୋର ଭାର ଭାବ । ମୋ ରାଶି ନକ୍ଷତ୍ର ସବୁ ତାଙ୍କୁ ଜଣା । ତାଙ୍କ ଠକର ହାତରେ ଖବର ପଠେଇଥିଲେ ।

ସୁଲୋଚନା—ସତ ?

ବାବୁ—ଆଉ କ'ଣ ମୁଁ ମିଛ କହିବ ? ଖାଣ୍ଟି ସତ ।

ସୁଲୋଚନା—ଦେଖି ଦେଖି, ମୋ ଆଡ଼କ ଟେକେ ଗୁହାଁଲ ଭଲକରି—ଦେଖି ତମ ମୁହଁ ।

ବାବୁ—ଦେଖୁନ ଦେଖ ! (ମୁହଁକୁ ଟେକ ଦେଖେଇଲେ)

ସୁଲୋଚନା—ନା, ମୋର କାହିଁକି ମୋଟେ ବିଶ୍ୱାସ ହଉନାଇଁ ।

ବାବୁ—ତମେ ଘରର ଘରଣୀ—ତମେ ବିଶ୍ୱାସ ନ କଲେ ଘର ଚଳିବ, ନା ମୁଁ ଚଳାଇବି ? ସତ୍ତରେ ମୋ ଦେହମୁଣ୍ଡ ଯାହା ହେଇଯାଉଚନା···

ସୁଲୋଚନା—ହୁଁ ବୁଝିଲ !

ବାବୁ—ମୁଁ ଜାଣେସତ୍ତ, ମୋ ଦେହକଥା ଯେତେବେଳେ ତମେ ନିଶ୍ଚୟ ବୁଝିବ ! ହଉ ଟଙ୍କାକେତୁଟା ଢେଲ ଦେଖି—ମୁଁ ଏଇ ଦିନଗାଡ଼ରେ ବାହାରିପିବି ।

ସୁଲୋଚନା—ନାଇଁଗୋ, ମୁଁ ଯାହା ବୁଝିଲି ତମେ କୁଆଡ଼େ ନ ଯାଇ ଘରେ ଚୁନଦେଇ ବସ—ଦେହ ଭଲହେଇପିବ ।

ବାବୁ—ହଁ ହଁ, ଭନ୍ଧନକାଳ କୁଆଡ଼େ ଯିବା ଠିକ୍ ହବନାଇଁ । ମୁଁ ଉଚ୍ଛୁଣି ଯାଉଚି, ଏଇ ଧାଡ଼ରେ ଧବଳେଶ୍ୱର ଦର୍ଶନ କରି ସତ୍ତ ହ'ଘଡ଼କୁ ନେଉଟିଆସିବି ।

ସୁଲୋଚନା—ନା, ଘର ଛୁଡ଼ି କୁଆଡ଼େ ଯାଇପାରିବ ନାଇଁ ।

ବାବୁ—ହଉ ହେଲା ସେକଥା । ମାନ ଦେହମୁଣ୍ଡ କଥା ଯେତେବେଳେ କଛୁ ଗୋଟାଏ ବନ୍ଧି ପାଲବା ଦର୍କାର । ଆଚ୍ଛା ଆଚ୍ଛା,

Digitized by srujanika@gmail.com

କେତେଟା ଟଙ୍କା ବାହାରକଲ—ମୁଁ ଏଇ କଟକ ସହରରେ ଯେତେ ମହାଦେବ ଅଛନ୍ତି— ନଣ୍ଡାଦେଉଳ, ଅମରେଶ୍ୱର, ଗଡ଼ଗଡ଼ିଆ···

ସୁଲୋଚନା—କଟକସହର କଥା ଛ ? ବେଶ୍, ମକଦ୍ଦ ଯାଉ— ଗୋଟାଏ ଚରି ଡାକଆଣ୍ଠ । ତମେ ମୁଁ ଦହେଁ ସାଙ୍ଗହେଇ ଯାଇ ମହାଦେବ ଦର୍ଶନ କରି ଆସିବା । ଭରି ଭଲଦେବ ଏକା । ଆରେ ମକଦ୍ଦ !

ବାବୁ—ଓହୋ···ହୋ···କ କଷ୍ଟ—କ କଷ୍ଟ ! (ଛଳନା କରୁଥାନ୍ତି)

ସୁଲୋଚନା—କ'ଣ ହେଲ୍ଲ—କ'ଣ ହେଲ୍ଲ ଗୋ ? (ବାବୁଙ୍କ ଦେହ ଆଉଁସିବାରେ ଲାଗିପଡ଼ିଲେ)

ବାବୁ—ଘଣ୍ଟରେ ହଉଥିଲ, ଏବେ ଦନ୍ତରେ ବାହାରପଡ଼ିଲଣି । ମୁଣ୍ଡ ଦଥା—ପେଟକଥା—ଦେହ ଟିମିଟିମି—ଓହୋ···ହୋ··· ! (ବାବୁଙ୍କ ଛଳନାକୁ ସୁଲୋଚନା ବିଶ୍ୱାସକରିଗଲେ)

ସୁଲୋଚନା—ମୁଁ କ'ଣ କରିବଟି ମା' ? ଆରେ ମକଦ୍ଦ !

ବାବୁ—ମକଦ୍ଦକୁ କାହିଁକ ଡାକୁଚ ? ତମେ ମୋପାଖରେ ବସ ।

ସୁଲୋଚନା—ବସିଚନ୍ତ୍ର ।

ବାବୁ—ମୋ ଦେହ ହଉଚ ବୋଲ ତ ତମର ବିଶ୍ୱାସ ହଉନ··· ଓହୋ···ହୋ···

ସୁଲୋଚନା—ଆଖିରେ ଦେଖୁଚ—କଷ୍ଟପାଉଚ—ବିଶ୍ୱାସ ହବନ ?

ବାବୁ—ବଛାସ୍ତ୍ରଟିକୁ ଶନ ଚଳନ । ବନ୍ଧାପରି ମାରଦଉଚ, ଓହୋ··· ହୋ···

ସୁଲୋଚନା—ଏ ଦେହଟନଇ ବାହାରକୁ ଯିବ କେମିତ କହିଲ ?

Digitized by srujanika@gmail.com

ବାବୁ—ଝଡ଼ରନ୍ତେ ବ ସେଇଆ କହିପଠେଇଥିଲେ—ଦେହ ଅଭିଶପ୍ତ ହେଲେ ବାହାରକୁ କୁଆଡ଼େ ନ ଯାଇ ଘରେ ଧାରଣା ଦବ ଯେ ସେଥିରେ ବ ସୁଫଳ ଫଳବ ।

ସୁଲୋଚନା—କେମିତି ଧାରଣା—କ'ଣ କହିବକି !

ବାବୁ—କହୁଚ ଶୁଣ । ଏକ, ଦେହରୁ ମୁଣ୍ଡଯାଏ କମ୍ବଲରେ ଘୋଡ଼ ହେଇ ଶୋଇ ଧାରଣା ଦବ ।

ସୁଲୋଚନା—ସେଇଠି ?

ବାବୁ—ଦୁଇ—ଛୁନ ଛୁନ ମନେ ମନେ ଯବୁ ମହାଦେବଙ୍କୁ ସ୍ମରଣ କରିବ ।

ସୁଲୋଚନା—ହେ ପ୍ରଭୁ—ହେ ଧବଳେଶ୍ୱର—ହେ ଲଙ୍ଗଳଜ ମହାପ୍ରଭୁ !

ବାବୁ—ତିନ, ନଈକୂଳା ସ୍ଥାନରେ ଧାରଣାଦବ—ସେଠି ସ୍ପୀଲେକର ଗ୍ଲାଇସୁଲ୍ଫା ପଡ଼ିବନାଇଁ ।

ସୁଲୋଚନା—ନା—ପଡ଼ିବ ନାଇଁ ।

ବାବୁ—ଗୁରୁ—ମୁଣ୍ଡଭଲେ ମାନସିକ କରି ବେଶ୍ କଛୁ ଟଙ୍କା ରଖିବ ଦେହ ଭଲହେଇଗଲେ ସେଇ ଟଙ୍କାରେ ଘୋଗସ୍ନାନ ହେବ ।

ସୁଲୋଚନା—ହଁ, ଟଙ୍କା ରହିବ ।

ବାବୁ—ଗ୍ରାଞ୍ଚ, ଏବେଠୁଁ ଗ୍ରାଞ୍ଚପହରଯାଏ, ମାନେ ରାତ୍ତି ନ'ଟା ଦଶଟା ଯାଏ ଏକାଲଯୁଟରେ ଧାରଣାଦବ ।

ସୁଲୋଚନା—ଏବେଠୁ ଧାରଣା ଦବ ?

ବାବୁ—ହଁ, ଭୁରନ୍ତ କର୍ମ ମହାପୁଣ୍ୟ । ଆଉ ଡେରି କାଁ୍ୟା କରିବ ?

ସୁଲୋଚନା—ନା ନା, ଡେରିକରିବ କାଁ୍ୟା ? ଅରେ ମକଦ୍ଦ !

ମକଦ୍ଦ—(ଭିତରୁ) ମା ସାନ୍ତାଣୀ—

Digitized by srujanika@gmail.com

ସୁଲୋଚନା—ସେଘରୁ କମ୍ବଳଟା ଆଣିଲୁ । ହଁ, ତମେ କ'ଣ ଆଜି ଅରୁଆ ଖାଇବ ?

ବାବୁ—ରମ୍ ରମ୍ । ଧାରଣାଦେଇ କଏ କ'ଣ ସଙ୍କୁଡ଼ ହୁଏ ? ନର୍ଜଳା ଉପବାସ ।

ସୁଲୋଚନା—ଆ-ହା-ହା—ମୁଁ ମରଯାଏଟି—କେଡ଼େ କଷ୍ଟ, ତମକୁ ନ ହେବ ? (ମକଗ୍ଗ କମ୍ବଳ ନେଇ ଆସିଲ୍ଲ)

ମକଗ୍ଗ—ସାନ୍ତାଣୀ ଆଜ୍ଞା, ପୂଜାଘ୍ର କଡ଼ୁଚ ଏବେଳା କ'ଣ ଘେଷେଇ ହୁବ ?

ସୁଲୋଚନା—ନାଇଁରେ, ଏବେଳା ରଛାବଡ଼ା କଛୁ ହୁବନାଇଁ···ମୁଁ ଯାଏ ଟଙ୍କା ଆଣେ । (ସାନ୍ତାଣୀ ଗ୍ଗଲଗଲେ)

ମକଗ୍ଗ—କମ୍ବଳ ଆଣିଲଣି ଆଜ୍ଞା !

ବାବୁ—ହଁ, ସାନ୍ତାଣୀ ତୋର ଆସନ୍ତୁ । (ସାନ୍ତାଣୀ ଆସିଲ୍ଲ)

ସୁଲୋଚନା—ଏଇ ନଅ, ଟଙ୍କା ରଖ । (ଟଙ୍କା ଦେଲେ) ଏଇଠି ଧାରଣାଦବ ତ ?

ବାବୁ—ହଁ, ଏଇଠି···ଏଇ ଘରେ ।

ସୁଲୋଚନା—ମକଗ୍ଗ ! ଗ୍ଗଞ୍ଜୁଣୀରେ ଏ ଘରଟା ଭଲକରି ଓଳେଇ-ଦବୁଟି । (ମକଗ୍ଗ ଓଳେଇଲ୍ଲ)

ସୁଲୋଚନା—ମୁଁ ତେବେ ଯାଉଚ । ମୋ ଗ୍ଗଇ ପଡ଼ବନାଇଁ କଡ଼ୁଚ ।

ବାବୁ—ହଁ ତମେ ଯାଅ । ଖଡ଼ରଟେ ଯାହା କହିବନ୍ତି ସେକଥା ଅକ୍ଷରେ ଅକ୍ଷରେ ପାଳିବାକୁ ହୁବ । ସେପାଖରୁ କବାଟ କଲଦଅ ।

ସୁଲୋଚନା—ହେ ଲଙ୍ଗଘ୍ଜ ମହାପ୍ରଭୁ, ହେ ମା କଟକଚଣ୍ଡୀ, ହେ ମା ମଙ୍ଗଳା···(ନାମ ଭଜି ଭଜି ସାନ୍ତାଣୀଙ୍କ ପ୍ରସ୍ଥାନ)

ମକଗ୍ଗ—ଏଠି ଶୋଇବେଟି ଆଜ୍ଞା ?

Digitized by srujanika@gmail.com

ବାବୁ—କ'ଣ କହିଲୁ ?

ମକଗ୍—ଏଇଠି ଆପଣ ଶୋଇବେଟି ?

ବାବୁ—ମୁଁ ଶୋଇବ ତ ତୁ କ'ଣ କରବୁ ?

ମକଗ୍—ଆ···ଜ୍ଞା !

ବାବୁ—କହିଲପରୁ ତୁ ଶୁଅ । ତୁ ଶୋଇଲେ ମୁଁ ବାହାରକୁ ଯିବ ।

ମକଗ୍—ମୁଁ କାଇଁକ ଶୋଇବ ଆଜ୍ଞା ? ଆପଣସିନା ଧାରଣା ଦେବେ —କମ୍ବଳ ଘୋଡ଼େଇଇ ଶୋଇବେ ।

ବାବୁ—ମୁଁ ଯାହା କହୁଚି କର । ଶୁଅ ଏଠି । ମୋର ବେଳ ହେଇଯାଉଚି—ମୁଁ ଯିବ ।

ମକଗ୍—ମୋ ମୁଣ୍ଡରେ କଣ୍ଟୁ ପଶୁନାଇଁ ଆଜ୍ଞା—ମୁଁ ମିଛଟାରେ କାଇଁକ ଶୋଇବ ?

ବାବୁ—ଆରେ ବୋକା--ତୁ କମ୍ବଳ ଘୋଡ଼େଇଇ ଶୋଇଲେ ମା ଜାଣିବେ ଯେ ମୁଁ ଶୋଇଚି । ବାସ୍ ମୁଁ ତେଣିକ ମୋର···

ମକଗ୍—ଆଜ୍ଞା—ଆଜ୍ଞା, ମା ଯେତେବେଳେ ଜାଣିବେ ଯେ ଏଠି ଆପଣ ଶୋଇନାହାନ୍ତି—ମୁଁ ଶୋଇଚି—ସେତେବେଳେ···

ବାବୁ—କ'ଣ କରୁଚୁବେ ?

ମକଗ୍—ମୋ ପିଠିରୁ ଗୁଲ ଉତୁରିଯିବ ଆଜ୍ଞା ! ମା'ଙ୍କ ହାତରେ ଗୁଞ୍ଜୁଣିମୁଠା ପଡ଼ିଲେ ଇନ୍ଦ୍ରଚନ୍ଦ୍ର ଜରରେ ଘରଗୁଡ଼ି ପଳେଇବେ—ମୁଁ କୋଉ ଗୁର !

ବାବୁ—ତୁ ମୋ ସାଙ୍ଗରେ ଖେଳୁଚୁକୁରେ ମକଗ୍ ? ପାଜି, ବଦ୍‌ମାସ, ପିଟି ପିଟି ତୋ ହାଡ଼ ଗୁଣ୍ଡା କରଦେବ—ଜାଣିଚୁ ?

ମକଗ୍—(କାନ୍ଦି) ଆପଣ ପିଟି ପିଟି ହାଡ଼ ଗୁଣ୍ଡା କରଦେବେ—ମା ଗୁଞ୍ଜୁଣୀରେ ପିଟି ଗୁଲ ଉତାରଦେବେ । ମୁଁ ମରିଯିବ ସିନା !

Digitized by srujanika@gmail.com

ବୋଉଲେ, ମୋର ଏ କ ଦଶା ହେଲ ? ମୁଁ ମଇପିଜ ଲୋ ବୋଉ ! (କାନ୍ଦୁଥାଏ)

ବାବୁ—(ନରମ ଗଳାରେ) ନାହିଁରେ ମକଗ୍ଗ -ତୁ କାନ୍ଦେନାଇଁ— ମୁଁ ଟିକେ ସେମିତି ଟାପଗ୍ଗ କରୁଥିଲି । ସତରେ କ'ଣ ମୁଁ ତତେ ମାରିବି ? ଆରେ ମକରୁ !

ମକଗ୍ଗ—ଆଜ୍ଞା !

ବାବୁ—ତୁ ଯେ ଯାଉଛୁ ତୋ ମାମୁଘରକୁ ଯିବୁ କହୁଥିଲୁ ପଗ୍ଗ ?

ମକଗ୍ଗ—ଛୁଟି ତ ମିଳଲ୍ଲନାହିଁ ଆଜ୍ଞା ।

ବାବୁ —କାଲିଠୁ ତୋତେ ଗ୍ଗରନ୍ଦନ ଛୁଟିଦେଲି । ଯା' ତୋ ମାମୁ-ଘରକୁ । ବାଟଖରଚ୍ଚ ଅଛି ତ ?

ମକଗ୍ଗ—କାନ୍ଥୁଁ ପାଇବି ?

ବାବୁ—ଦଉଡ ନେ ଏ ଗ୍ଗରଟଙ୍କା ବାଟଖର୍ଚ୍ଚ କରିବୁ । ମାମୁ ମାଈଁଙ୍କପେଇଁ ଖଜା କଣିନବୁ—ନେ । (ଟଙ୍କା ଦେଲେ)

ମକଗ୍ଗ—ଯିବ କ'ଣ ଖାଲିହାତରେ ? ବାବୁଘର ଗ୍ଗକର—ଜାମାଖଣ୍ଡେ ବୋଲି ନାଇଁ ।

ବାବୁ—କୁଚ୍ଛ ପରୁଆ ନେହିଁ । କାଲି ତୋପାଇଁ ଜାମା କଣିଦେବି ଯେ ପିନ୍ଧି ମାମୁ ଘରକୁ ଯିବୁ । ଆ—ଏ କମ୍ବଳ ଘୋଡ଼େଇ ଏଠି ଶୋଇପଡ଼ । ମୁଁ ଆସିବାଯାଏ ଏମିତି ଘୋଡ଼େଇ ଶୋଇଥିବୁ । କାଶିବୁନାହିଁ କ ଛିଙ୍କିବୁ ନାହିଁ । ଜୋର୍ରରେ ନଃଶ୍ୱାସ ନବୁନାହିଁ କ ଶୋଇପଡ଼ଲେ ଘୁଙ୍ଗୁଡ଼ି ମାରିବୁନାହିଁ—ବୁଝିଲୁ । ଶୁଅ, ମୁଁ ଯାଉଚି ।

Digitized by srujanika@gmail.com

[ମକଗ୍ଧ ଶୋଇଲା । ବାବୁ ଗୁଲଗଟଲେ । କଣ୍ଠଷଣ ଅଞ୍ଚାତ ହୋଇଗଲା । ଧୀରପଦରେ ସୁଲ୍ଲଚନା ଆସିଲେ ।]

ସୁଲ୍ଲଚନା—(ମନକୁମନ) ଆହା ! ନଖାଇ ନପିଇ ସେଇ ଦିନ ଦ'ପହରୁ ଭୁଇଁଟାରେ କମ୍ବଳ ଘୋଡ଼ାଇ ଅଧିଆ ପଡ଼ିଚନ୍ତି--- ଆସି ସଞ୍ଜ ହେଲଣି । ଏକୁମାରିଆ ମଣିଷ—ଦେହକୁ କେତେ ବାଧି ନ ଥିବ ? ଡେ ଲିଙ୍ଗରାଜ ମହାପ୍ରଭୁ, ତାଙ୍କ ଦିହ ଭଲକର ଦିଅ—ନଣାପାଣି ଛଡ଼େଇଦିଅ—ମୁଁ ଶହଆଠ ପାଣି, ଶହଆଠ ବେଲପତ୍ର ଚଢ଼େଇବି । ଆଜ ତ ସଙ୍କୁଡ଼ ହେବେନାଇଁ କହିଚନ୍ତି । ବଜାରରୁ କ'ଣ ଫଳ ଦି'ଟା ମଗେଇଥାନ୍ତି—ଏ ଅଳପଇସା ମଜୁରିଆର କ'ଣ ଦେଖାଅଛୁ ? ଛୁଇ ପଡ଼ିବନାଇଁ ବୋଲି କହିଥିଲେ—ସଞ୍ଜ ଗଡ଼ିଗଲାଣି ତ ଆଉ ଛୁଇ କାହିଁ ଆସିବ ? ଠାକୁରଙ୍କ ନାଁନେଇ ଧାରଣା ପଡ଼ିଛନ୍ତି—ଏତିକିବେଳେ ତାଙ୍କର ପାଦଛୁଇଁ ମୁଣ୍ଡିଆ ମାରିଲେ ମୋର ପୁଣ୍ୟହିବ—ତାଙ୍କ ମନ-କାମନା ପୂର୍ତ୍ତିହିବ—ଯାଏଁ ।

[ଖୁବ୍ ସାବଧାନତାରେ ଯାଇ ବାବୁଙ୍କ ମଥାଉପରେ ପାଦ ପଡ଼ିଗଲା]

ଆହା···ହା···ମୁଁ ପୋଡ଼ାମୁହାଁ କ'ଣ କଲିଟି ? ମୁଣ୍ଡ ଉପରେ ମୋ ପାଦ ପଡ଼ିଗଲା ! (ବାବୁଙ୍କୁ ଉଦ୍ଦେଶ୍ୟକରି) ହେଇଓ, ମୁଁ ନଜାଣି ଏ ପାପକଲା—ମୋ ଦୋଷ ତମେ ଘେନନାଇଁ । ତମ ପାଦଧର ଏଇଠି ଛନ୍ତବାର ମୁଣ୍ଡିଆମାରୁଛି । (ମୁଣ୍ଡିଆ ମାରିଲେ) ମୁଁ ମରିଯାଏଟି—ଖୋକ ଉପାପରେ ପଡ଼ି କେଡ଼େ ସୁନ୍ଦର ପାଦ ସିମିଟିସାମିଟି ଗଲାଣି । ହଦ୍ଦସାର ପୁଣି ଦ୍ୱାଳରେ

Digitized by srujanika@gmail.com

ଜୁଡ଼୍‌ବୁଡ଼୍ । କେଡ଼େ କଷ୍ଟ ଏ ଦେହ ନ ସହ୍ୟଲ୍ଲଣିଟି ! ଝାଳ-ଗୁଣ୍ଡକ ଟିକଏ ପୋଛୁଦଏଁ ।

[କମ୍ବଳଭିତରୁ ମକଣ୍ଡ ଏକଥା ଶୁଣି ଥରଉଠିଥାଏ]

ଏମିତ ଥରଉଠୁଚ କାହିଁକ ଯେ ? ନାଇଁ ନାଇଁ, ତମେ ଥରଦେଇ ଶୁଅ—ମୁଁ କମ୍ବଳ କାଢ଼ୁନାଇଁ । କମ୍ବଳଭିତରେ ଡାଟପୁରେଇ ଝାଳ ପୋଛୁଦଉଚ । (-ଝାଳ ପୋଛୁ ପୋଛୁ) ଏଁ ! ପଶମପର କେର କେର ମୁଣ୍ଡବାଳ—ହାତକୁ ଏମିତ ଟାଆଁସ୍ତିଆଁ କାଇଁକ ଲାଗୁଚ ? ଧାରଣା ପଡ଼ିଲେ କ'ଣ ଏମିତ ସବୁ ବଦଳଯାଏ ? ଦ୍ରେ ଠାକୁରେ ! ! ଏଁ ! ! ମୁନ୍ଥ ! ମୁଚ୍ଛ କୁଆଡ଼େ ଗଲ ? ମୁନ୍ଥଗୁଣ୍ଡକ ଆଉ ଝଡ଼ପଡ଼ଲ୍ଲ କ ? କେଡ଼େ ସୁନ୍ଦର ସାଉଁଳଆ ନଶ !

ମକଣ୍ଡ—(କମ୍ବଳ ଭିତରେ) ନାଇଁ ମା—ବାବୁଙ୍କ ନଶ ବାବୁଙ୍କ ମୁହଁରେ—ଏଇଟା ମୋ ମୁହଁ ! (ସାନ୍ତାଣୀ କମ୍ବଳ ଉଠେଇ ନେଲେ)

ସାନ୍ତାଣୀ—ଏଁ ! ଦଇରେ ମକଣ୍ଡ, ଦଇରେ ଅଳପେଇସା, ନଣ୍ଡଶୁଆ—ଡାଙ୍କୁଣୀଗିଆ—ତୁ ଏଠି କମ୍ବଳ ଘୋଡ଼େଇ ପଡ଼ିଚୁ ! ମୁଁ ତୋ ପାଦଧର ଉନଥର ମୁଣ୍ଡିଆ ମାରଲ୍ଲିଣି । କୁଆଡ଼େଗଲ୍ଲ ଟୁଞ୍ଚୁଣୀମୁଠାଟା ।

ମକଣ୍ଡ—ମା ମା ! ମତେ ମାରନାହିଁ ମା ! ମୁଁ ଦୁକୁମ୍‌ର ଗୁକର । ମତେ ମାଇଲେ ଏ ସାଇଲ୍ଲେକେ ଜାଣିବେ—ଏ ସାଇଲ୍ଲେକେ ଜାଣିଲେ ଆରସାଇଲ୍ଲେକେ ଜାଣିବେ—ସେଇଠୁ ତା'ଆରସାଇ—ଏମିତ ସାଇକ ସାଇ—ସାଇକ ସାଇ ଜାଣିବେ । ନାଜ କାଡ଼ାକୁ ଡର କହ୍ନିଲ ମା ?

Digitized by srujanika@gmail.com

ସୁଲୋଚନା—ତୋ ବାବୁ କୁଆଡ଼େ ଯାଇଛ ?

ମକର୍ବ—ତାଙ୍କ କାମରେ ।

ସୁଲୋଚନା—ହଉ ଛୁ ତୋ କାମରେ ଯା ।

ମକର୍ବ—ଆଉ ଯିବ କୁଆଡ଼େ ମା ସାନ୍ତାଣୀ ? ମୋ କାମପତ୍ର ଏଇଠି ! ବାବୁଙ୍କ ଆସିବାଯାଏ ଏଇଠି କମ୍ବଳ ଘୋଡ଼େଇ ଶୋଇବ ।

ସୁଲୋଚନା—ହୁଁ । (ସ୍ୱର ବଦଳାଇ) ଆରେ ମକରୁ···

ମକର୍ବ—ମା' ସାନ୍ତାଣୀ !

ସୁଲୋଚନା—ଛୁ ତୋ ମାଉସୀଘରକୁ ପଝାମୁଣ୍ଡେଇ ଯିବାକୁ କହୁଥିଲୁ ପର୍ବ !

ମକର୍ବ—ବାବୁଙ୍କୁ ଦ'ଦିନ ଛୁଟି ମାଗିଛ ।

ସୁଲୋଚନା—ବାବୁ କଏ ? ମୁଁ ତତେ କାଲଠୁ ଗୁଣ୍ଡଦିନ ଛୁଟିଦେଲ —ଯା ତୋ ମାଉସୀଘରକୁ । ହୁଁ ବାଝଖରର୍ବ—ବାଝଖରର୍ବ ଅଛୁଟି ?

ମକର୍ବ—କାହିଁ ପାଇବ ?

ସୁଲୋଚନା—ହଉ ନେ ଏଇ ଗୁଣ୍ଡଟଙ୍କା (କାନରୁ ଫିଟେଇ ଟଙ୍କା ଦେଲେ) ବାଝଖରର୍ବ କଣର୍ବୁ—ମାଉଁସୀଘାଇଁ ଖଜା ମୁଆଁ କଣିନବୁ ! ହୁଁ, ତୋର ଜାମା ନଥେଲ କହୁଥିଲୁ ?

ମକର୍ବ—ଜାମା କ'ଣ ହବ ମା' ? ଲୁଗା ଚ ମୂଳରୁ ନାହିଁ ।

ସୁଲୋଚନା—ହଉ, ମୁଁ ତତେ କାଲି ଯୋଡ଼େ ମାଣିଆବନ୍ଦୀ ଲୁଗା କଣିଦେବ । ଛୁ ଯା—ଏକଥା କାହାକୁ କଛୁ ନ କହି ଗୁହାଳ ଘର କ'ଣରେ ଲୁଚବସିବୁ ଯା ।

ମକର୍ବ—ଏଠି କଏ ଶୋଇବ ମା ?

ସୁଲୋଚନା—ମୁଁ···କମ୍ବଳ ଘୋଡ଼େଇ ମୁଁ ଶୋଇବ ।

Digitized by srujanika@gmail.com

ମକରା—ତେବେ ତ ସବୁ ଅଡ଼ୁଆ ଛୁଟିଗଲା । ବାବୁ ଶୋଇଥାନ୍ତେ—ନଦେଲା ଆପଣ ଶୋଇବେ ! ଦଉ ଶୁଅନ୍ତୁ ମା—ମୁଁ ଯାଉଛି ।

[ମକରା ଗୁଲଗଲା । ସାନ୍ତାଣୀ କମ୍ବଳ ଘୋଡ଼େଇ ଶୋଇଲେ । ଟିକେ ପରେ ବାବୁ ଜଗୁରେ ଟଳ ଟଳ ଆସିଲେ । ପାଟି ଖଜବାଜଯାଉଛି ।]

ବାବୁ—ମକରା ! ବାବା ମକରା ! ଭାଇ ମକରା ! ତୁ ମତେ ଆଜ ବଞ୍ଚେଇଦେଲୁରେ ମକରା । ଜଠ୍ ବାବା ଜଠ୍ । ଆଜ୍ କ ବର ମାଗୁରୁ ମାଗ । ମାମୁଁଘରକୁ ଯିବାକୁ କଡ଼ୁଥିଲୁ ନା— ଏବେ ଶଶୁରଘରକୁ ଯା । ପଠେଇଦେବ । ଆରେ ମୁଁ ତ ମୋ ଶଶୁରଘରକୁ ଯାଇ ବୁଲିଆସିଲି—ତୁ ତୋ ଶଶୁରଘରକୁ ଯା । ଆଠଦିନ ଛୁଟିଦେଲି । ଜଠ ଆରେ ବାବୁ ମନ୍ତାମ, ଜଠୁନୁ କଆଁ ? ଶୋଇବାକୁ ଆଗ୍ରମ ଲଗୁଚ ? ଦଉ ଦଉ ଶୋଇଥା—ଶୁଅ । ବୁଝିଲୁ, ତୋ ସାନ୍ତାଣୀ···ସାନ୍ତାଣୀ କଏତବ···ଗୋଟାଏ ଓଆଣୀ ସିଏ—ଓଆଣୀ । ଦ'ମାସ ହେଲା ମତେ ଘରେ ବାନ୍ଧ ରଖିଥିଲା, ଏ ଦ ମାସ ପାଟିରେ ମୋର ଟିକେ ଜଗାଗାଣି ବାଜତନଇଁରେ ମକରା ! ପାଟି ଏକଦମ୍ ପଡ଼ଯାଇଥିଲା । ଆଜ ମୋ ପାଟିରୁ ଅରୁଚ ଗୁଡ଼ଗଲା । କ ବଡ଼ିଆ ମାଲ୍ ! ! ମଦ ନୁହେଁ ତ ଅମୃତ ! ! ଖାଣ୍ଟି ବଲ୍ଲଭ । ଏକ୍ସା ନମ୍ବର ଓ୍ୱାନ୍ । ଆରେ ହେ ମକରା—ମୁଁ ଏତେକଥା ତୋ ଆଗରେ ଗପି-ଯାଉଛି—ତୋ ସାନ୍ତାଣୀ କୋଉଠି ଶୁଣୁନାଇଁ ତ ? ଶୁଣିଲେ ଶୁଣୁ—ସେଇଟା ମୋର କ'ଣ କରିବ ? ସେଇଟା ଗୋଟାଏ

Digitized by srujanika@gmail.com

ମଣିଷ ନୁହଁ—କାଠକଣ୍ଟେଇଟାଏ । ନାଁ। ପୁଣି କ'ଣ ନା ସୁଲୋଚନା ! ଦୁଇରେ ସୁଲୋଚନା ଗୋଟାଏ କ ନାଁ ? ସୁଲ ନା ପୋଲ—ପୋଙ୍ଗଡ଼ରେ ଦୁଏ—ବନ୍‌ସୀରେ ଡେରେଣ୍ଡା । ପୁଣି ଚୁନା ! ବରଚୁନା ନା କୋଳଥଚୁନା ! ! ଆଉ ତା' ନାଁ... ଉସ୍‌ମାନ୍‌ଚାଗ । ମଲଆକାଶର ଚାଗ—ସନ୍ଧ୍ୟାଚାଗ—ଘଣ୍ଟ-ଅଧିଆ ଚାଗ—ପାଡ଼ାଲୁ ଚାଗ—ଧନରେ ଚାଗ—ଘଣ୍ଟରେ ଚାଗ ! ! ଧନେଅଧେ ନାଇଁରେ ମକରୁ— ତା' ସାଙ୍ଗରେ ମୋର ଛନ୍ଦବର୍ଷର ଘରଭୀତି । ସେମିତି ଆଜ ଭେଟ ହେଇ-ଯାଇଚ, ବୋଚଲ ପରେ ବୋଚଲ ଖୋଲଦେଲୁ । ଆଉ ଖାଇବାକୁଦେଲୁ କ'ଣ ଜାଣୁ ? ତୋ' ସାନ୍ତାଣୀ ଚ ଖାଇବାକୁ ଦଏ ସରୁଚକୁଲ—ଛୁଞ୍ଚପଡର, ଅଥାରମଣ୍ଡା—ଛୁ ! ! ଏଗୁଡ଼ାକ ଘୋଡ଼ାଖାଦ୍ୟ । ପ୍ରିଏ ଦେଲୁ—କଟ୍‌ଲେଟ୍—ଆମ୍‌ଲେଟ୍—ଡେଭିଲ୍ ! ଆଉ ମାଲ୍‌ସାଙ୍ଗକୁ ଗୁଟ୍ କ'ଣ ଜାଣୁ ? ଶୁଖୁଆ ପୋଡ଼ା । ଇସ୍— ପେଟେ ଠୁଙ୍କି ଦେଇଚ । କାଲ ପୁଣି ଯିବ । ତୁ କହିଲୁରେ ଭାଇ ମକର୍ଦ୍ଦ, ଉସ୍‌ମାନ୍‌ଚାଗକୁ ଗୁଡ଼ ମୁଁ ଭଲ ରନ୍ଧିପାରିବ ? ସେ ମଜ୍ଜନ ସେ ମଜଲସ୍ ଏଠି କଏ ଦବ ? ଏଠି ମଡେ ବଲ୍‌ଡ ମାଲ୍ ସାଙ୍ଗରେ ଶୁଖୁଆପୋଡ଼ା କଏ ଖୁଆଇବ ? ତୋ ସାନ୍ତାଣୀ ଶୁଖିଲ କାଠଟାଏ ! ତା' ବୋପା ଶଳା ଭଲ...

ସୁଲୋଚନା—କଣଢେଲ ମୋ ବୋପା ଯା' ଶଳା ! (ଚୁଞ୍ଚୁଣୀରେ ପିଟିଲେ)

ବାବୁ—ଆରେ—ଆରେ—ଆରେ—ତମେ ମଡେ ମାରୁଚ ! ଚୁଞ୍ଚୁଣୀମୁଠାରେ ପିଟିପକାଉଚ ?

Digitized by srujanika@gmail.com

ସୁଲୋଚନା—ମଦୁଆ—ପରଘରପଶା—ତମ ବୋପା ପୁଣି ଶଳା !
(ପୁଣି ମାଡ଼)

ବାବୁ—କହିନାଇଁ—କୁଆଡ଼େ ଯାଇନାଇଁ । କାହାଘରେ ପଶିନାଇଁ । ଏଇ ରସ୍ତାରେ ଜମା ପାଞ୍ଚକଦମ୍—ଏପାଖ—ସେପାଖ—ଉମ ମୁଣ୍ଡ ଛୁଇଁଚ' ।

ସୁଲୋଚନା —ମକଦ୍ଦ ହେଲ୍ଲ ଜାଇ—ଆଉ ମୋ ବୋପା ହେଲ୍ଲ ଶଳା ?
(ପୁଣି ମାଡ଼)

ବାବୁ—ମରଗଲ ହେ, ଜାର କାନ୍ଦୁଚ ।

ସୁଲୋଚନା—ମୁଁ କୋଳଥରୁନା—ଆଉ ସିଏ ସଞ୍ଜୁଆ ଡାଗ !
(ପୁଣି ମାଡ଼)

ବାବୁ—ସେଡକ ଥାଉ—ନଶା ଗୁଡ଼ଗଲ୍ଲଣି ।

ସୁଲୋଚନା—ମୁଁ ଶୁଖିଲ୍ଲକା଼—ସିଏ ଉସ୍‌ମାନ୍‌ଡାଗ୍—ଉସ୍‌ମାନ୍...
(ମାଡ଼ ଗୁଲଥାଏ)

ବାବୁ—(ଉଚ୍ଚେ ପଡ଼ିଯାଇ) ଓହୋ—ହୋ...

ସୁଲୋଚନା—ଶୁଖୁଆପୋଡ଼ା ଓ ଗୁଣ୍ଡ ସାଙ୍କୁ ଏ ଗୁଞ୍ଜୁଣୀମୁଠା ଗୁଣ୍ଡ ! କେମିଡ଼ି ଲଗୁଚ ? କେମିଡ଼ି ଲଗୁଚ ବା ? ଆରେ ! ବାଘଘରେ ମିରଗନାଣ୍ଟ ! ମୋଠୁ ଣ୍ଟକା ଠକ୍‌ନେଇ କୋଉଠି କାହା ଓଲଉଳେ କ ନାଲନଦ୍ଦ'ମାରେ ପଡ଼...ମୋ ବାପା ପୁଣି ଯା'ର ଶଳା । (ବାବୁ ଯନ୍ତ୍ରଣାରେ ଉଃ—ଆଃ ହଉଚନ୍ତି) ଉଁ—ଡ଼ଙ୍ଗ ଦେଖ । କେମିଡ଼ି ଛଣ୍ଟା ଗଲା ହେଉଛୁ । ହେ—ଇ—ଇଏ ପୁଣି କ ପାଲ୍ଲ ବାହାରିଲ୍ଲକ ? ଚଳଣ୍ଟାରେ ଗଡ଼ୁଚ କାହିଁକ ? ପୁଣି କମ୍ବଳ ଘୋଡ଼େଇ ଶୋଇବ ? ଉଠୁଚ ନା ଆଜ ଦ'ପାହାର ଦେବ ? ଏଁ ! ଇଏ କ'ଣ ? ଚେଡା ବୁଡ଼ଗଲ୍ଲଣି ? (ସାନ୍ତାଣୀ ଉରଗଲେ) ହେ ଠାକୁରେ...ହେ ମା ମଙ୍ଗଳା—କାହିଁକ ଭଲ

Digitized by srujanika@gmail.com

ତାଙ୍କୁ ଏ ଦୁର୍ବୁଦ୍ଧି ଦଉଚ ? ସ୍ୱଗମୁଣ୍ଡରେ ମୁଁ ଅଲକ୍ଷଣୀ କ'ଣ ନ କଲଟି ? ସ୍ୱାମୀ ଦେବତା ସିଏ ମୁଁ ତାଙ୍କୁ ଗ୍ଲଞ୍ଜୁଣୀମୁଠାରେ ପିଟିପକେଇଲ । ମୁଁ ଏବେ କ ବୁଦ୍ଧି କରିବଟି ? ଚେତା ବୁଡ଼-ଗଲ୍ଲକ କଅଣ ? (ଡାକଲେ) ଆରେ ମକର୍ତ୍ତ—ମକର୍ତ୍ତ ।

ମକର୍ତ୍ତ—ମୋର କଛୁ ଦୋଷ ନାଇଁ ମା ସାନ୍ତାଣୀ । ବାବୁ ମତେ ଯାଡ଼ାକଵ୍ଵଲେ—

ସାନ୍ତାଣୀ—ନାଇଁରେ ମକର୍ତ୍ତ—ବାବୁ ଆଜ୍‌କଛୁ କହୁନାଡ଼ାନ୍ତ । ତାଙ୍କ ପାଟିରୁ ଆଉ କଥା ବାହାରୁନାଇଁ ।

ମକର୍ତ୍ତ—ଇଏ କ'ଣ ମା ? ବାବୁ ଏଠିଟାରେ ଏମିତ ଗୁର୍‌କାତ ମେଲେଇ ପଡ଼ିଚନ୍ତ ? ବାବୁଙ୍କର କ'ଣ ହେଲ୍ ମା ?

ସୁଲୋଚନା—ଯାଡ଼ାଡ ଵବାର ହେଲ୍‌ଣି—ତୁ ତାଙ୍କୁ ଧଇଲୁ—ପଲଙ୍କ ଉପରକୁ ନବା ।

ମକର୍ତ୍ତ—ବାବୁ ! ବାବୁ ଆଜ୍ଞା !

ବାବୁ—ଉଁ !

ମକର୍ତ୍ତ—ଉଠିବା ଵ'ନ୍ତୁ ଆଜ୍ଞା—ପଲଙ୍କଉପରକୁ ଗ୍ଲଲନ୍ତୁ ।

ବାବୁ—ଇଲେ ବୋପାଲେ···ଗ୍ଲଞ୍ଜୁଣୀମୁଠାଟା ହାତରେ ଅଛୁ ?

ସୁଲୋଚନା—ନାଇଁ ନାଇଁ—ମୁଁ ହେଇ ଗ୍ଲଞ୍ଜୁଣୀମୁଠାଟା ଫୋପାଡ଼ ଦେଲ୍‌ଣି ।

ମକର୍ତ୍ତ—ମା' ମ ! ବାବୁଙ୍କୁ ଆମର ଡାଆଣୀ ଲ୍ଲଗିଚ କ ? ଗ୍ଲଞ୍ଜୁଣୀ ମୁଠା ଦେଖି ଏମିତ ଭରକୁଚନ୍ତ ?

ସୁଲୋଚନା—ତୁ ତାଙ୍କୁ ଆଗେ ଉଠେଇଲୁ । ଆ ଧର ମୋ ସାଙ୍ଗରେ —ପଲଙ୍କକୁ ନବା । ଉଁ, ଧୀରେ ଶୁଆଇଦେ ।

Digitized by srujanika@gmail.com

[କଛୁକ୍ଷଣ ଅଙ୍ଗତ ହୋଇଯାଇଛୁ । ଘଣ୍ଟା । ମକଗ୍ସ ଓ ପୂର୍ବର ସେ ଝୋକା କଥାବାର୍ତ୍ତା ଦେଉଚନ୍ତ୍ର]

ମକଗ୍ସ—କ'ଣ ?

ଝୋକା—କାଇଁ କ'ଣ ?

ମକଗ୍ସ—ଏଠି କ'ଣ କରୁଚ ?

ଝୋକା—ଦେଖୁଚପଗ୍ସ ଠିଆହେଇଚ ।

ମକଗ୍ସ—ଏଠି ଉଣ୍ଡୁଥିଲ କ'ଣ ?

ଝୋକା—ମୁଁ କାହିଁକ ଉଣ୍ଡିବ ହେ ?

ମକଗ୍ସ—ହେଁ, ହେଁ, ଉଣ୍ଡିଚ । ମୁଁ ଆସିଲ୍ଲବେଳେ ଦେଖିଚ, ଏଣିକ ଚେଣିକ ମୁହଁକର କାହାକୁ ଉଣ୍ଡୁଥିଲ ?

ଝୋକା—ମୋ ମୁହଁଟା ସେମିତ୍ତ । ବେଳେ ବେଳେ ଏଣିକ ଚେଣିକ ହେଇଯାଏ ।

ମକଗ୍ସ—ତମଘର କୋଉଠି କଓ ?

ଝୋକା—ଭଦ୍ରଖ ।

ମକଗ୍ସ—ହେଡ୍—ଭଦ୍ରଖ ତ ଭଦ୍ରଖରେ—ଏଠି ହାଲ୍ ସାକନ୍ କଣ ?

ଝୋକା—ହାଲ୍‌ସାକନ୍ ତେଲେଙ୍ଗାବଜାର ।

ମକଗ୍ସ—ତେଲ୍ଲେଙ୍ଗାବଜାରରୁ ତମେ ଏଠିକ କ୍ୟାଁ ଆସିଚ ? କୁଡ ଧନମଣି କୁହ—କ୍ୟାଁ ଆସିଚ କୁହ ?

ଝୋକା—ତମ ଘର କୋଉଠି କଓ ?

ମକଗ୍ସ—ହରପୁର—ମରଡ଼ ହରିପୁର !

ଝୋକା—ହାଲ୍ ସାକନ୍ ?

ମକଗ୍ସ—ଏଇଠି, ବାବୁଙ୍କ ଘରେ । ତମେ ଆମ ବାବୁଙ୍କ ନାଁ ଜାଣିଲ କେମିତ୍ତ ?

Digitized by srujanika@gmail.com

ଝୋକା—ଏଁ—ହେଁ—ଏ ଖଣ୍ଡମଣ୍ଡଳରେ ତମ ବାବୁଙ୍କ ନାଁ କଏ ନ ଜାଣେ କହିଲ ? କେଡ଼େ ବଡ଼ିଆ ନାଁ—ଚନ୍ଦ୍ରମଣିବାବୁ ।

ମକଗ୍ୱ—ତେମେ ଆମ ବାବୁଙ୍କ ପାଖକୁ ଆସିଚ ?

ଝୋକା—ନାଇଁ ହେଁ ଆସିଚ ମୋ କାମରେ ।

ମକଗ୍ୱ—କ'ଣ ତମ କାମ ? କୁହ ଧନମଣି—କ କାମ ତମର କୁହ ?

ଝୋକା—କ—ମୋ କଥା ମୁଁ ତମକୁ କାହିଁକ କହିବ ?

ମକଗ୍ୱ—ନକୁହ—ଧମ୍ମା ଏବେ କୋଉ କାଙ୍ଗାଳ ହେଇଯାଉଚ କ ?

ଝୋକା—ଗ୍ରଗିଲ କ ଘ୍ରଇ ?

ମକଗ୍ୱ—ନା···

ଝୋକା—ସତ କହୁଚ ଗ୍ରଗିନା ?

ମକଗ୍ୱ—ମୋ ଗ୍ରଗରୁ ତମେ ଘ୍ରଗନବକ ଯେ ମିଚ୍ଛ କହିବ ?

ଝୋକା—ମୁଁ କହୁଥିଲି କ'ଣକ—ବାବୁ ତମର ଆଜକାଲି ଆଉ ପଦାକୁ କୁଆଡ଼େ ବାହାରୁନାହାନ୍ତି କ ?

ମକଗ୍ୱ—ନାଇଁ । ମାସେ ଦେଢ଼ମାସେ ତଳେ ଥରେ କୁଆଡ଼େ ଯାଇଥିଲେ—ସେଥିନ ମୁଁ କମ୍ବଳ ପୋଡ଼ହେଇ ଶୋଇଥିଲି ।

ଝୋକା—ଜରହେଇଥିଲ ?

ମକଗ୍ୱ—ତମେ କ'ଣ ବଇଦ ନା କବ୍ରଘ୍ନ—ମୋ' ଜରକଥା ପଗ୍ଗୁଚ କାଇଁକ ?

ଝୋକା—ସେଇଥନଠୁଁ ବାବୁ ଆଉ ପଦାକୁ ବାହାରୁ ନାହାନ୍ତି ?

ମକଗ୍ୱ—ନା, ହେଲେ ତମ ମୁହଁ ଏମିତ୍ତ ଶୁଖିଯାଉଚ କାଇଁକ ? କୁହ ଧନମଣି—ତମ ମୁହଁ ଶୁଖିଯାଉଚ କାହିଁକ ?

ଝୋକା—ମୋ ମୁହଁ ମେମିତ୍ତ—ବେଳେ ବେଳେ ଶୁଖିଯାଏ । ଇଏ—ବାବୁ ପଦାକୁ ଯାଉନାହାନ୍ତି ତ—ସବୁବେଳେ ଘରଟା ଭିତରେ ରହି କ'ଣ କରୁଛନ୍ତି ?

Digitized by srujanika@gmail.com

ମକଗ୍ୱ—ଛେନା ଚକଟୁଛନ୍ତି···ଛେନା···ହୁଁ । ଘରେଡ ଆମର ମା' ଅଛନ୍ତି । ମା'ଙ୍କ ସାଙ୍ଗରେ ବସୁଚନ୍ତି—ହସୁଚନ୍ତି—ଗପୁଚନ୍ତି—ପୁରାଣ ଭାଗବଡ ପଢ଼ି ଶୁଣାଉଚନ୍ତି ।

ଝୋକା—ମା'ଙ୍କୁ ପୁରାଣ ଭାଗବଡ ଶୁଣାଉଚନ୍ତି ?

ମକଗ୍ୱ—ଆଉ କ'ଣ ତମକୁ ଶୁଣାନ୍ତେ ନା ମଡେ ?

ଝୋକା—ସେଠି ଡେଇ ତମ ବାବୁ ଆଉ ମା'ଟି ?

ମକଗ୍ୱ—ହୁଁ ଦେଖ, ହାଡ ଧଗ୍ଧଗ ଡେଇ ଆମ ବାଇଗିଗ୍ଟରେ ବୁଲୁଚନ୍ତି···ଡେଇ ଘର ଭିତରକୁ ଆସିଲେ ।

ଝୋକା—ହଉ ମୁଁ ଯାଏ ।

ମକଗ୍ୱ—କାଇଁ ରହୁନ !

ଝୋକା—ନାଇଁ ନାଇଁ ମୁଁ ଯାଉଚ । (ଗୁଲଗଲ୍)

ମକଗ୍ୱ—ଏଁ ! ଏମିଡ କନକନ ଡେଇ ଏଣିକ ଡେଣିକ ଗୁହିଁ ପଳେଇଲ୍ଲ କ'ଣ ? ଗୋଟାଏ କ'ଣ ପାଞ୍ଚ ମନରେ ପାଞ୍ଚ ଆସିଥିଲ୍ଲ । ହଉ, ଚୁ ଆଉ ଦିନେ ଆ—ମୁଁ ତତ୍ତେ ଦେଖୁଚ ।

ବାବୁ—(ଭିତରୁ) ମକଗ୍ୱ !

ମକଗ୍ୱ—ଆଜ୍ଞା ! (ବାବୁ ଓ ସାନ୍ତାଣୀ ଆସିଲେ)

ବାବୁ—ସିଏ କଏ କଡେ ମକଗ୍ୱ— ତୋ ସାଙ୍ଗରେ କଥାବାର୍ତ୍ତା ଡେଉଥିଲ୍ଲ ?

ମକଗ୍ୱ—ହେଇଟା କଏ କେଜାଣି ? ଡେଲେଙ୍ଗାବଜାରରୁ ଆସିଥେଲ୍ଲ —ଆପଣଙ୍କୁ ଯେମିଡ ଦେଖିବ ପଳେଇଲ୍ଲ, ଡାକବ ?

ବାବୁ—ନାଇଁ ନାଇଁ—ଆଉ ଯଦି କେବେ ଆସେ ଘରଦୁଆରମୁହଁ ମଡ଼େଇଦବୁନ—ବୁଝିଲୁ ?

ମକଗ୍ୱ—ହୁକୁମ ଡେଲେ ଆଜ୍ଞା ସେ ତଉଛକ ପାଖରୁ ଗାକୁ ବଦାକରଡେବ । ମଡେ କ'ଣ ସେ ବଳେଇପିବ ?

Digitized by srujanika@gmail.com

ସୁଲୋଚନା—ହଉ, ତୁ ଯା ଚୌକ ଆଣ ।

ମକର୍ତ୍ତ—ଆଣ୍ଟଚ ଆଜ୍ଞା ! (ଭତରକୁ ଗଲ୍)

ସୁଲୋଚନା—ଇଏ କ ବନ୍ଦ୍ୟ ଆଣିଚ ? ଭ୍ରଗବତ ?

ବାବୁ—ହଁ, ଶ୍ରୀମଦ୍‌ଭ୍ରଗବତ···

ସୁଲୋଚନା—ଭଲ୍ ବନ୍ଦ୍ୟ—ଭଲ୍ ବଷପ୍ପମାନ ଏଥିରେ ଅଛୁ ।

ବାବୁ—ଆଉ ଗୋଟାଏ ଚୌକ ଆଣ ଯା । (ମକର୍ତ୍ତ ଚୌକ ଆଣିଲ୍)

ସୁଲୋଚନା—ନାଇଁ ମକର୍ତ୍ତ, ତୁ ଯା । ଏଇ ଗୋଟାଏ ଚୌକ ହବ । ବସ ।

ବାବୁ—ତମେ ବସିବ ନାହିଁ ? ପୁର୍ତ୍ତଣ ଶୁଣିବ ପର୍ତ୍ତ ?

ସୁଲୋଚନା—ହଁ, ଏଇଠି ତମ ପାଦ ପାଖରେ ବସି ପୁର୍ତ୍ତଣ ଶୁଣିବି ।

ବାବୁ—ଇଏ କ'ଣ ? ମୋ ପାଦ ଉପରେ କାହିଁକ ହାତ ରଖିଚ ?

ସୁଲୋଚନା—ମୁଁ ଡାକୁଣୀ ସେବନ ଯୋଉ ପାପ କରିଚି, ଏମିତ୍ତ ତମ ପାଦପାଖରେ ବସି ତମ ମୁହଁରୁ ପୁର୍ତ୍ତଣପାଠ ଶୁଣିଲେ ମୋ ପାପ କ୍ଷୟ୍ଟହେବ ।

ବାବୁ—ନା—ନା—ମୁଁ ତମକୁ କେତେଥର କହିଲି—ତମେ କଣ୍ଟ୍ଟ ପାପ କରିନ । ତମେ ତମ କର୍ତ୍ତବ୍ୟ କରିଚ । ମୋର ସଦ୍‌ବୁର୍ତ୍ତି ହେଇଚ ।

ସୁଲୋଚନା—ତମର ସଦ୍‌ବୁର୍ତ୍ତି ହେଇଚି—ତମେ ଭଲବାଟ୍ଟୁ ଆସିଚ—ସେକଥା ଠାକୁରଙ୍କ ଦୟା—ଠାକୁରେ ମୋ ଗୁହାର୍ତ୍ତ ଶୁଣିଛନ୍ତି ।

ବାବୁ—ଭ୍ରଗବତରେ ଲେଖିଲ୍ଲ—କର୍ତ୍ତ କର୍ତ୍ତଥାଏ ମୁହିଁ । କରେଇବା ଲୋକ ଠାକୁରେ ହୋଇପାରନ୍ତି । ହେଲେ କଲ୍ଲଲ୍ଲକ ହେଲ୍ଲ ତମେ । ତମ କାମ ତମେ ଠିକ୍ ଭାବରେ ଚୁଲେଇ ନ ପାରିଲେ ଠାକୁରଙ୍କ ଇଚ୍ଛା ପୂରଣ ହବନାଇଁ । ଏଠି ତମ ଔଷଧ ଠିକ୍

Digitized by srujanika@gmail.com

କାମକରୁଛୁ । ମୋ ରୋଗ ବେମାର ସବୁ ଗୁଡ଼ାଇଚ । ମୁଁ ଏଇନେ ସୁନାପିଲ୍ଲ । ଶ୍ୟାମଘନପସ୍ତ କହୁଥିଲେ···

ସୁଲୋଚନା—କ'ଣ କହୁଥିଲେ ?

ବାବୁ—କହୁଥିଲେ—ପେଟେଣ୍ଟ ମେଡ଼ିସିନ୍ । ତମର ଯୋଉ ଔଷଧରେ ମୋ ରୋଗ ବେମାର ସବୁ ଗୁଡ଼ଗଲ୍ଲ, ସେଇଟା ହେଲ୍ଲ ତମର ପେଟେଣ୍ଟ ମେଡ଼ିସିନ୍ । ତମେ ଆବଷ୍କାର କରିଚ—ତମେ ପ୍ରଯୋଗ କରିଚ ।

ସୁଲୋଚନା—ମୁଁ ସେ ପେଟେଣ୍ଟଫେଟେଣ୍ଟ କଛୁ ଜାଣିନାଇଁ—ତମେ ଭଲହେଲେ ମୋର ସବୁ ଭଲ ।

ବାବୁ—କନ୍ତୁ ଖାଲି ତମ ମୋ ଭଲରେ ତ ଫସାର ଚଲିବ ନାହିଁ—ଆଜ୍ଞମାନେ ଯିଏ ଏଠି ଅଛନ୍ତି ?

ସୁଲୋଚନା—ଆଜ୍ଞ ସେମାନେ ପୂଣି କିଏ ?

ବାବୁ—ଦେଖିପାରୁନ—ଆଜ ଏ ସମାବ୍ସେଦ୍ଧରେ ଏଠି ବଡ଼ ସୁ-ନାସ୍ତ—ବଡ଼ ସୁଗୃହିଣୀ ଉପସ୍ଥିତ ଅଛନ୍ତି । ଏଇଟା ଅବଶ୍ୟ ମୋ କଥା ନୁହେଁ—ପ୍ରାଚଃସ୍ମରଣୀୟ ବ୍ୟାସକବି ଫକୀରମୋହନଙ୍କ କଥା—ତାଙ୍କର କଥା ମୁଁ କହୁଚି—ଘ୍ରାଗ୍ୟ ବଡ଼ମ୍ବନାରୁ ଯଦି କୌଣସି ଗୃହିଣୀଙ୍କର 'ସେ' ଅର୍ଥାତ୍ ତାଙ୍କ ସ୍ୱାମୀଗୁଣମଣି ଏଭଳ ରୋଗଗ୍ରସ୍ତ ହୋଇପଡ଼ିଥାନ୍ତି—ଏଇଟା ଅବଶ୍ୟ କଛୁ ଅସମ୍ଭବ ନୁହେଁ—ତେବେ ସେ ଉଦ୍ଗମହଲା ଏଇ ପେଟେଣ୍ଟ ମେଡ଼ିସିନ୍‌କୁ ଥରେ ପ୍ରଯୋଗପୂବ୍ଦକ ପରୀକ୍ଷାକରି ଦେଖିପାରନ୍ତି—ଏତିକି ଅନୁରୋଧ ।

Digitized by srujanika@gmail.com